ଛିନ୍ନପତ୍ର

ଶ୍ରୀ ଲକ୍ଷ୍ମୀନାରାୟଣ ସାହୁ ଏମ୍. ଏ.

Digitized by srujanika@gmail.com

ସ୍ତିନ୍ୟନ୍ତ୍ର

ଲେଖକ ଓ ପ୍ରକାଶକ

ଶ୍ରୀ ...ଶାସ୍ତ୍ରୀ ଏମ୍, ଏ,

ପ୍ରଥମ ସଂସ୍କରଣ

Printed and Published by R. K. Sahu,
MAHANADI PRESS,
CUTTACK
1928.

ମୂଲ୍ୟ ଦୁଇଅଣା

Digitized by srujanika@gmail.com

ଅଗ୍ରଲେଖ

ଛିନ୍ନପତ୍ରର ପ୍ରତ୍ୟେକଟି ଚିନ୍ତା ଭିନ୍ନ ଭିନ୍ନ ସମୟରେ ଲିପିବଦ୍ଧ କରା ହୋଇଅଛି । ଯେତେବେଳେ ଯେଉଁ ଚିନ୍ତା ମନ ମଧ୍ୟରେ ପ୍ରବଳ ବା ଆକୁଳ ହୋଇଛି, ତାହାକୁ ଧରି ରଖିବା ପାଇଁ ଏହି ଚେଷ୍ଟା କରିଅଛି । କବିତାର ଯଦି କିଛି ବିଶେଷତ୍ୱ ଥାଏ, ତାହାହେଲେ ମୁଁ ବୁଝେ ଯେ ତାହା ସାମୟିକ ବା ମୌହୂର୍ତ୍ତିକ ଚିନ୍ତାର ଗୋଟିଏ ଟି ନଚଙ୍ଗକୁ ବାହାରଙ୍ଗାବଳକୁ ବାନ୍ଧି ପକାଏ—ଯାହାକୁ କି ଭବିଷ୍ୟତରେ ପାଠ କଲେ ଅତୀତର ଗ୍ରନ୍ଥି ହୁଏ ଏବଂ ବର୍ତ୍ତମାନ ବା ଭବିଷ୍ୟତରେ ଜୀବନ ଉପରେ ତାହାର ଛାୟା ବା ଜ୍ୟୋତି ବିସ୍ତାର କରେ । ମୋର ଛିନ୍ନପତ୍ରକୁ ପ୍ରକାଶ କରିବାର ଏକମାତ୍ର ଉଦ୍ଦେଶ୍ୟ ଏହି ଯେ, ଅନ୍ୟାନ୍ୟ ମାନେ ଯେପରି ସେମାନଙ୍କ ଜୀବନରେ ଏହିପରି ଅମୂଲ୍ୟ ହୀରକ କଣିକାମାନ ସଞ୍ଚୟ କରନ୍ତୁ । ତଦ୍ୱାରା ବହୁ ପ୍ରାଣରେ ଆଶ୍ୱାସନା, ଶାନ୍ତି, ଔଦାର୍ଯ୍ୟ, ବିସ୍ତାର ଲାଭ କରିବ ।

ଆଉ ଗୋଟିଏ କଥା—କବିତାର ଅର୍ଥ ମୁଁ ବୁଝେ ଯେ ଯେଉଁ ଧାରା ବା ଗୀତ ବା ଭଙ୍ଗୀରେ ଲେଖକର ହୃଦୟର ଉଦ୍ବେଳିତ ଭାବ ପ୍ରବଳ ଅଥଚ ଗମ୍ଭୀର ହୋଇ ବାହାରେ ତାହାହିଁ କବିତା ; ସେହି ଭାଷାହିଁ କବିତାର ଭାଷା । ଆଶା କରେଁ, ଏହି ପୁସ୍ତକ ଯେଉଁମାନେ ପଢ଼ିବେ ସେମାନେ ଅନୁଗ୍ରହ କରି ସେମାନଙ୍କ ମନୋମଧ୍ୟରେ ଯେଉଁ ମତ ଉପୁଜିବ ତାହା ଜଣାଇବେ । ଠିକଣା:—ଲକ୍ଷ୍ମୀନାରାୟଣ ସାହୁ, ଭାରତ ସେବକ ସମିତିର ସଦସ୍ୟ, ଛଦ୍ଦଗାପଡ଼ିଆ, କଟକ । ଇତି ।

ଲେଖକ —

Digitized by srujanika@gmail.com

ଛିନ୍ନପତ୍ର

ମୁକ୍ତ କର ବନ୍ଧନ
ଲୁପ୍ତ କର କ୍ରନ୍ଦନ
ଜାଗ୍ରତ କରି ଚିତ୍
କରହେ ଧର୍ମବିତ୍ !

ସ୍ୱାଧୀନତା ଦିଅ ଚିତ୍ତେ
ଅଧୀନ ନ କର ବିତ୍ତେ
ଚିତ୍ତ କରି ସ୍ୱାର୍ଥ ଶୂନ୍ୟ
ନୃତ୍ୟ କରୁଅ ମହାରଣ୍ୟ

ଜୀବନ ଯୁଝିବ ତେବେ
ଥାଇବ ତୋ'ପକ୍ଷେ ଯେବେ
ଜୀବନ କରି ଅଟଳ
ଲଭିବି ବା କେବେ ବଳ ?

ଧର୍ମେ କର୍ମେ ସ୍ୱାଧୀନତା
ପୁଣ୍ୟ ବ୍ରତ ପବିତ୍ରତା
ନୋହିଲେ, ମୋର କେସନେ
ଅଳୀକ ହେବ ଜୀବନେ ?

ପୁନା
୧୧-୭-୧୯୬୨ ।

Digitized by srujanika@gmail.com

୨

ରୂପ ନାହିଁ ରୂପ ଅଛି ତାର,
ଗୁଣ ଅଛି ବହୁ ବହୁ ଯାର
ଦାନମାନ କର୍ମ କରେ ଯେହୁ
ନାହିଁ ଛଳ, କଷ୍ଟ ସହେ ସେହୁ ।
ସେହୁ ମୋର ପ୍ରିୟ ଜନ ସେହୁ
ପ୍ରାଣ ମୋର ଧର୍ମ ମୋର ସେହୁ ।
ସେହୁ ଗୁରୁ ମୋର ଆଦର୍ଶ ସେ
ତା କଙ୍କର ମୁଁ ଯେ ଅନ୍ୟ କ୍ଷେତ୍ରେ । *

ଇଦଗାପଡ଼ିଆ
କଟକ
୧-୯-୧୯୬୭

* ସାବ (ସାବିତ୍ରୀ) ନାମରେ ଜନୈକା ଅମଦରେ ନଜର ଲୋକ ହୋଇଥାଏ । ତାଙ୍କୁ ଉଦ୍ଦେଶ୍ୟ କରି ଲେଖାହୋଇଅଛି ।

Digitized by srujanika@gmail.com

୩

ପ୍ରତିଦିନ ଖୋଲୁ ଅଛୁ ହିସାବ ଖାତା
ମୂଳରୁ ହେଉଅଛୁ ଭୁଲ ହେ ବିଧାତା !
ଦିବସ ଶେଷେ ହିସାବ ନିକାଶ ବେଳେ
ଦେଖେଁ ବହୁ ଭୁଲ କରିଅଛୁ ହେଲେ ।
କିଏରେ ଏ ଜୀବନ ହିସାବ ସୁଧାରି
ଏ ଭୁବନ ମଟିରେ ଲଭିବ କୀର୍ତ୍ତି ହସି ?
ଆଜିକା ଦିନ ଗଲା ଯାଉ, କାଲି ଭଲ
କରି ଗଢ଼ିବ ଜୀବନ କହି ହେଲି ସଲ;
ଆଉ ବେଳ ନାହିଁ, ବଳ ନାହିଁ; ଭରସା ତୁମ୍ଭ ପୟର
ହେ ପ୍ରଭୁ ! (ଦୟାମୟ ରଖ ଅବା ନ ରଖ)
ରହିବ ଧାପି ସେହି ପୟର ।

ଇଦଗା ପଡ଼ିଆ
କଟକ
୧୭-୯-୧୯୬୭



Digitized by srujanika@gmail.com

୪

ଛିନ୍ନ ମଧୁପତ୍ର ଛିନ୍ନ
ଏହିତ ପ୍ରଭାତ ! ପାପ କରିବ ଛିନ୍ନ ।

ଉଠିଆସ ପଙ୍କୁ ପ୍ରଭାତ–ପୂତ ସୂର୍ଯ୍ୟ ଦେଖ,
ଭେଦି ଆସ ମାୟା–ପାଶ, ସତ୍ୟ ପବିତ୍ରତା ନରେଶ

କେତେ ଜ୍ୱାଳା, କେତେ ଯନ୍ତ୍ରଣା ଗୃହର
ଛାଡ଼ିଆସ ଗେହ, ବନେ ପର୍ବତେ ବିହର ।
ନିର୍ମଳ ଆକାଶ ସମ ନିର୍ମଳ ଚିତ୍ତେ
ଉଠିଆସ ନବକର୍ମେ ନବ ବ୍ରତ ଏହି ପ୍ରଭାତେ ।

ଛିନ୍ନ ମଧୁପତ୍ର ଛିନ୍ନ
ଛିନ୍ନ ନିଶାପତ୍ର ଛିନ୍ନ
ଉଠିଆସ ହେ ସୌମ୍ୟ ହେ ଲୋଭହୀନ
ଉଠିଆସ ବେଗେ ଆସ ଅହେ ନିଦ୍ରାହୀନ ।
ପାଇବ ଶାନ୍ତି, ପାଇବ ମୁକ୍ତି, ପାଇବ ଗତି
ହୋଇବ ଏକ ଅଭେଦ ଜ୍ୟୋତି, ପୁଣ୍ୟ ରବି ।

ନଭେମ୍ବର ୯, ୧୯୨୭,

Digitized by srujanika@gmail.com

୫

ଖଣ୍ଡ, ଏତଣ୍ଡ, ତୁ ପାରନ୍ତୁ ନାହିଁ,
ମୃତ୍ୟୁ, ମରଣ, ଲଭୁଛୁ ଭଲେ ଭଲେ ତୁହି ।
ଛାଡ଼ିଦେ, କର୍ ପଣ କର ସଂମୁଖସ୍ଥ ରଣ
ଉଠ ବୀର ସମ ପ୍ରକୃତ ବୀରତ୍ୱ ଦେଖାଇଣ ।
ମେଦନୀ ଛଡ ଉଠ ତୁ ଗଗନେ, ମେଦନୀର ଜୀବ
ଦତର ଦ୍ୱମାନେ ବନ୍ଦାଯୃସେ ଦସିଦସି ଅଭନବ ।

ନଭେମ୍ବର ୮, ୧୯୬୨

Digitized by srujanika@gmail.com

୨

ଯେତେ କର ଚେଷ୍ଟା, ନହେବ ବଡ଼ୃଷ୍ଟା ?
ରହିବ ଯେମନ୍ତ ଥିଲା, ହେବ ଆଉ କ ଭୁଲ ?
ବିଚକ୍ଷଣ ସମଦୃଷ୍ଟି-ସମ୍ପନ୍ନ ବିଚାର-କୁଶଳ ମହାଜନ
ହେଲେ କି ଜୀବନେ ? ହେବ କି ଜୀବନେ ନାହିଁ ଜାଣେ !
ବନ୍ଧୁଦଳ ଜାଣିଲେଣି ମୋହା ପୁଙ୍ଖ ପୁଙ୍ଖ ଦୋଷ ଅଛି ଆହା
କିନ୍ତୁ ଯେପରି ଥିଲି ସେପରି ରହିଲି କି ଫଳ ଲଭିଲି ?
ହେଉ ଦଲ ଥରେ ସବୁଦ୍ଧି, ହୁଏଁ ଦଲ ମାନ୍ୟଗଣ ସୁବୁଦ୍ଧି ।
ଆଉ କେବେ, ଯିବ ଯେବେ ଯିବ, ଭେବେ,
ହେବ କି ଜଣେ ଭବେ ?
ଜାଣନ୍ତୁ ଦୂର ଗୋଲୋକ-ବନ୍ଧାସୀ
ଶୁଣୁଛନ୍ତୁ କଣ୍ଠିତେର ମୋ 'ଶତସହସ୍ର ଗୁହାର ।

ନଭେମ୍ବର ୨, ୧୯୬୨
ସନ୍ଧ୍ୟା ୭ଘଣ୍ଟା,

Digitized by srujanika@gmail.com

୨

ଶ୍ରାବଣେ ଭରା ବାଦର
ଝୁର ଝରେ ଝରଝର
ଅମୀୟ ଉଦାସୀ ରହିଛି ବସି
ଦିବସ ନିଶି ତୋହର ପାଇଁ । ୧ ।
ଆଜ ବନ୍ଧୁଦନ୍ନୁଁ ଅସିଅଛୁ
ଅମର୍ତ୍ତ୍ୟ ଭୂମି ପାଶୋରିଛୁ
ମର୍ତ୍ତ୍ୟେ ମନ୍ଦମର ହେଲାଣି ଏବେ ସହି
ହେ ନାଥ, ରଖ ଚରଣେ ଏବେ ସ୍ଥାନଦେଇ । ୨ ।

Digitized by srujanika@gmail.com

୮

ଊଷା

ଶାନ୍ତ ସୌମ୍ୟ ଧୂସର ଉଦାସୀ ଊଷା
ଦେଖିବ ଆସ, ଅଙ୍କିବ ଯଦି ଉଠ ହବସା
ଉଠିଆସ ଶୌର୍ଯ୍ୟ, ଉଠିଆସ ସ୍ୱପ୍ନ
ମତ୍ତ କୋହ୍ନ ଅନ୍ତର ସୁଖେ, ଭଜ ସତତ ।
ଦିବସ କ୍ଳାନ୍ତ ରାତ୍ରି ଯାପିତ ଊଷା ଆଗମନା
ତପିକୁଳ ଜପ ଆରମ୍ଭିଲେ, ଉଠନ୍ତେ ବେଗେ ଦମନା ।
ଯାଉଛନ୍ତି ରାତ୍ରି, ଉଠନ୍ତେ ଯାତ୍ରି, ପଥ ଅଛି ବନ୍ଧୁ
ଉଦ୍ଧାକର ଧର ଗମ୍ଭୀରେ ଧୀରେ ପଥ ଯିବ ବନ୍ଧୁ ।
କାକଳି ନାନା ଶୁଣାଗଲାଣି ଶୁଣ ହେ ନିଦ୍ରିତ
ଜାଗ୍ରତ ହୋଇ ଜଗତେ ନେତା ପର ଚାଲ ନୋହି ବିକତ
ଆସିବ ରାତ୍ରି ଶାନ୍ତି-ବିଧାୟିନୀ, ଶୋଇବ ତା' କୋଳେ
ହରିବ କ୍ଳାନ୍ତି, ଲଭିବ ନବବଳ, ବେଗେ ପୁଣି ଚାଲିବ ଉଛେ
ଏହିତ ବେଳ ଯାତ୍ରା ଆରମ୍ଭିବାକୁ, ଏହିତ ମାହେନ୍ଦ୍ର କ୍ଷଣ
ନବର ଆଳସ୍ୟ, ଉଠ ଶଯ୍ୟା ତ୍ୟଜ ହେ ଅବଶ ଜନ ।

୫-୧୧-୧୯୬୬

Digitized by srujanika@gmail.com

୯

ପବନ ସମ ଜୀବନ ମନ
ବହୁଯାଉଅଛୁ ବହନ
କାହିଁକି ବସି ହୋଇ ଉଦାସୀ
ଝୁରୁଛ ହେଲା ଅକାରଣ ?
ଲିଭି ଯାଇଥିଲେ ଯାଉ
ଦୀପ ଜଳିବ ନାହିଁକି ଅଉ ?
ଧପ୍‌କା ବତାସେ ଦୀପ ଲିଭେ ସେ
ପୁଣି ଜାଳୁ ନାହିଁକି ଅଉ ?
ତେବେ ଧର ହୃଦେ ସାହସ
ଧୀର ଅଚଳ ହୋଇ ବସ
ସ୍ଥିର ବୁଦ୍ଧିରେ କର ଗମନ
ହେବ ସକଳ ପୁଣି ପୂରଣ ।

୧୯୨୭
ଜୁନମାସ
ପୁନା

Digitized by srujanika@gmail.com

୧୦

ହିନ୍ଦୁ ହୀନ ଦୁଃ;
ମୁସଲମାନ ମୁଷଳ ବାନ୍
ତ୍ରିଶ କୋଟି ଦେବତା ଦୃଷ୍ଟି
ଦେଉଛନ୍ତି କ୍ୱାଣ୍ଟି ଗୋଟିଗୋଟି ।
ବେଦର ବଦ୍—କାହିଁ ସେ ଜ୍ଞାନ ?
କୋରାଣ ଦେଖ, ଅଜ୍ଞ ଯୁଥଣ ।

୧୯୨୫ }
ଉଦଗାପଡ଼ଥ କଟକ, }

Digitized by srujanika@gmail.com

୧୧

ଦେବ ନେବ ଭାଇ ହେବ
ନାହିଁ ଦେବ, ନାହିଁ ହେବ
ଛୋଟ ବଡ଼ ଗୁମା ଛଡ଼
ହୁଅ ବଡ଼ ପ୍ରେମ ବାଢ଼ ।
ମିଶିଯାଅ ଲହିଯ'ଅ
ଭାଇସଙ୍ଗ ବସି ଖାଅ
ଏକ ଏକ ସବୁ ଏକ
ଏକ ଈଶ ଏକ ମନୁଷ୍ୟ ।
ଛଡ଼ ଛଡ଼ ବେଗେ ଗୁମାନ
ହିନ୍ଦୁସ୍ଥାନ ଅଙ୍ଗ ବଣସ୍ଥାନ

୧୯୬୪ }
ଲଦଗାପଡଅ କଟକ, }

୬

ପ୍ରାତଃ ପୂତ ସୂର୍ଯ୍ୟ ଉଠିଛୁ ଦେଖ ଏଣୁ
ଉଠିବ କି ଉଜ୍ଜ୍ୱଳ ଶୁଭ୍ର ସ୍ୱଚ୍ଛ ହୋଇ ?
ଗରିମା ଶିଖରେ ଉଠିବାକୁ ଯଦଥାଏ ମନ
ତେଜ ବିଳାସ, ତେଜ ଆଳସ୍ୟ, ଉଠ ସଘନ ।
ପ୍ରଭାତର ପକ୍ଷୀ ଡାକେ ହରି ହରି ହରି
ପ୍ରଭାତର ଧର କମନୀୟ ପାରି ଉଠ ଭୁସ୍ୱକର ।
ଲଭିବାକୁ ଯଦ ସମ୍ପଦ ଗୌରବ, ଉଠ ଉଠ
ତେଲଗଳ୍ପ, ଅଯୂଗଳ୍ପ, ଆସ, ନକର ଆଉ ମଠ ।

ମେ ୨, ୧୯୨୭

୧୩

ଆସ ବନ୍ଧୁ ! କେତେ ଥର ଆଉ ବାନ୍ଧ ହୁଡ଼ିବ ?
ବାରେ ଦ୍ୱାରେ ଚେତାଇଲ, କେବେ ଆଉ ମନେ ପଡ଼ିବ ?
ଦିନାନ୍ତେ ଯାହା କରୁଛ ପଣ, ନିଶାନ୍ତେ ଯାଉଛ ପାସୋରି;
ନିଶାନ୍ତେ ଯାହା ପଣ, ଦିନାନ୍ତେ ତାହା ନହୁଏ ଛଅର ।
ଏହିପରି ଦିନ, ମାସ, ଋତୁ, ବର୍ଷ, ଗଲା ବିତି ବିତି
ପାପେ ପ୍ରୀତି, ପୁଣ୍ୟେ ନହେଲା ଆଉ ରତି !
ଆୟୁ ଗଲା ଅର୍ଦ୍ଧ, ନହେଲ ଶୁଦ୍ଧି; ବାଧା
କେତେ ପାଇ, କେତେ ଖାଇ, ନହେଲ ସିଧା !
ପ୍ରକୃତିର ମେଣ୍ଟନ ହେବ କି ଏହିପରି ଚିରନ୍ତନ ?
ପ୍ରକୃତିର କର୍ମେ ହୋଇ ଭୋଳ ଜୀବନେ କରୁଥିବ ରୋଦନ
ଆସ ଭଲା ଏଥର, ଛାଡ଼ି ମାୟା, ହୃଦ କରି ପଥର
ଭୁଲ ମାୟାରେ ଭୁଲି ହୋଇ ରହିଛ ଥର ଥର ।
ଦିଅ ଚେତାଇ ଆପଣାକୁ, ଉଠ ଦୀପ୍ତି-ଦୀପ୍ତ ହୋଇ,
ପ୍ରଭାତର ସୂର୍ଯ୍ୟ ସଙ୍ଗେ ତେଜୀୟାନ ମହୀୟାନ ରହି;
ଗତି କର ଏକପ୍ରାନ୍ତରୁ ଅପର ପ୍ରାନ୍ତକୁ, କରି
ଧରିତ୍ରୀ ପୁଣ୍ୟମୟୀ ତୋଷି ଜଗତ ଭରି ।

ମେ ୪, ୧୯୨୬

୧୪

ଆଜି ପ୍ରଭାତ ତପନ ଉଇଁଛି,
ମନ ମୋର ପବନ ହୋଇଛି;
ଶୁଭ୍ର ଅପାପବିଦ୍ଧ ଆସ ଏବେ
କରୁଣା କରିବ ଅଧମକୁ ସେବେ ।
ପ୍ରଭାତିଆ ପକ୍ଷୀ ଝଙ୍କାରୁଛି
ସଦ୍ଭାବ ଦିଗଦିଗନ୍ତ ଧୂଉଛି ।
ଯେତେ ଯେଉଁଅଛେ ବନ୍ଧୁ ମୋର
କୋଳାହଳ କରୁଛି ଏବେ ଜୋର ।
ଏହିପରି ପବିତ୍ର ଝଙ୍କାର ଘେନ
ଯେଉଁ ଦିନମାନ ବାହୁଛି ରଜନୀ ।
ହୋଇଛି ମୋର ଜୟ ଜୟକାର
ପ୍ରଭୁ ଆଉ କଳ୍ପନା, ଏହା ଶୁଦ୍ଧେଁ ମାତର ।
ପୁଷ୍ପେ ପୁଷ୍ପେ ଗନ୍ଧଭର୍ତ୍ତି, ମୋ ଜୀବନ କର
ସେହିପରି ବାସନ୍ତୀ, ହେ ଧଣ୍ଡମୂର !
ନମୁଛି ପଦ୍ମରେ ତବ ! ଏହିପରି ଶୁଦ୍ଧମନ
ଦିଅ ମୋତେ, ନାଥ ନନ୍ଦ ହେଉ ମୋ ଉନ୍ମନ ।

୩-୫-୧୯୨୭

---:o:---

୧୫

ଉଠଂ ବୀର ଓଡ୍ରୋ ! ତେଜ ଦୁର୍ବଳ ମାୟାମୋହ
୧ଗୋବିନ୍ଦ ପଦ ଧାର୍ଯ୍ୟି ୨ବଂଶୀଧରଙ୍କୁ ଅନାଅ !
ଜୀବନ ପଥ କର ପରିଷ୍କାର,
ଉଠ ଉଠ ଛିଗୁଡ଼ା ପରିହର ।
ବୀର ସିଂହ ସମ ଉଠ ଦେଖାଇ ବିକ୍ରମ
କିଣି ମହୀ, ସୁବର୍ଣ୍ଣ ବାହୁ ଉଠ ହରଡ
ଅତୁ ମୋହ, ଏଡ଼ାଅ ତ୍ରୋ, ଦେଖାଅ ବୀରତ୍ୱ
ପୁଣ୍ୟ କ୍ଷେତ୍ରେ ପୁଣ୍ୟ ଜୀବନ କର ଯାପନ
ପୁଚେଣ୍ୟ ପଣ୍ଡିତଙ୍କର ଅଙ୍କ, ହୁଅ ସୁଜନ ।

---

୧ ଗୋବିନ୍ଦ ଓଲସିଂହ ସ୍କୁଲର ଗୋଟିଏ ବୁଦ୍ଧିମାନ୍ ଉଜ୍ଜ୍ୱଳ ଛାତ୍ର ।

୨ ବଂଶୀଧର ଖୋରଧା ସ୍କୁଲର ଛାତ୍ର । ତାର ଶାନ୍ତମୂର୍ତ୍ତିକୁ ଲକ୍ଷ୍ୟ କରୁ ହୋଇଅଛି ।

Digitized by srujanika@gmail.com

୧୬

ଅୟି ଶାନ୍ତ, ଅଶାନ୍ତ ହୃଦ କର ଶାନ୍ତ
ପ୍ରାତଃ-ପୂତ ମୁହୂର୍ତ୍ତ ହେଉଅଛୁ ପ୍ରାନ୍ତ ।
ଅୟି ଶାନ୍ତ, ଅୟି ଭ୍ରାନ୍ତ ଦୂର କର ଧ୍ୱାନ୍ତ
ଅଶ୍ରାନ୍ତ ଚିତ୍ତ, ଅଶ୍ରାନ୍ତ ବାସନା, କ୍ଳାନ୍ତ !
ଅନ୍ତ ହେଉ ବାସନା, ଶାନ୍ତ ହେଉ ଚିତ୍ତ ।

—*—

୧୭

ଅଜି ଭୁବନ ଭରି ନବୀନ କରି
ପସାରି କରିବ ଅୟି ହରି !
ଅଜି ଚିତ୍ତ ମୋର ଶିଶୁବତ ହେଲା
ମିଶିବାକୁ ବାଳକ-ସଙ୍ଗ ମୋହର—
ହୃଦ ହୁଏ ଅକୁଳ ବ୍ୟାକୁଳ
ଅଜି ଜୀବନ ହୁଏ ସାକୁଲି ।
ଅୟି ଭାଇ ଖେଳିବା ଯାଇ
ହରି ନାମ ଗାଇ ଦିଗନ୍ତ କମ୍ପାଇ
ହରି ହରି ହରି ବୋଲି କରତାଳି ମାରି
ପୂର୍ଣ୍ଣ ତେଜେ ସାଗର ଗଗନ ଭେଦି
ଗାଇବା ହରି ହରି ହରି ହରି ହରି ହରି ।

୧--୫-୧୯୨୭ ।

Digitized by srujanika@gmail.com

୧୮

ଅଭ୍ୟାସର ଦୋଷ ? ପ୍ରକୃତିର ରୋଷ ?
ନନ୍ଦନାସ୍ତ୍ର ଦାଶ (ତଥାପି) ନ ହୁଏ ସନ୍ନ୍ୟାସ ?
ଯୌବନ ? ଜରା ? ଅଭେଦରେ ସମ୍ମାନଦ୍ୱାରା !
ଭୂଚର ଦ୍ୱିଚର ପଳାଇ ଆସନ୍ତି ।
କି ଅଛି ସେଥି ? ଅହେ ହେ ମହାରଥୀ !
ବିପଦର ବିଷାଦର ମରଣର ଚିତ୍ତି
ବାନ୍ଧିବା ପାଇଁ ବ୍ୟସ୍ତ କଁପା ଚଢ଼ି ଢଢ଼ି ?
ଉଠ ଜଗତେ ବନ୍ଧୁ କର୍ମ ରହସ୍ତ ପଢ଼ି
ଭୂଟି ମାୟା ବନ୍ଧନେ ପଡ଼ି କରୁଛ କର୍ଣ୍ଣା ରଢ଼ି ?

ରଙ୍ଗାପଡ଼ିଆ, କଟକ ।
୧୮।୫।୧୯୨୭
ସନ୍ଧ୍ୟା ୧୬।୩୦

Digitized by srujanika@gmail.com

୧୯

ପ୍ରଭାତେ ମୁହିଁତ ପ୍ରକୃତି ସହିତ
ଉଠିଲି ଜାଗି
ନିର୍ମଳ ବଣାଗୀ ଉଦାର ଉଦାସୀ
ଭବମାୟା ତ୍ୟାଗି । ୧ ।
ପ୍ରଭାତର ଏହିଭାବ ଯେତେ ରହିବ
ହୃଦୟେ ଲାଗି
ପ୍ରଭାତ ଯିବ, ସୂର୍ଯ୍ୟ ଉଠିବ, କୋଳାହଳ ହେବ
ବୈରାଗ୍ୟ ଯିବ ଭାଙ୍ଗି । ୨ ।
ଭୁଲିବ କଲରବେ କୋଳାହଳେ ଯେବେ
ଅସ୍ୱସ୍ତୁତ ହେବ ବଇରାଗ
ଜୀବନର ଗୋପନ କଥା ନଜାଣି ପାଇବି ବ୍ୟଥା
ଦିବସ ଶେଷେ ବନ୍ଧୁଦୋଷେ ହେବ ଦାଗ । ୩ ।
ଏହି ଚିନ୍ତା, ଏହି ଦୁଃଖ ନିବାରି ରଖ
ହେ ମୋ ଜୀବନର ଭାଗୀ
ଡାକୁଛି ହେ ନାଥ ବସ ମୋ ସାଥ
ସକଳ ସମୟ ଜାଗି । ୪ ।

ପ୍ର. ତଃ
ଚୌଦ୍ୱାର
୨୦।୯।୧୯୨୭

Digitized by srujanika@gmail.com

୨୦

ପ୍ରଭୋ

ପ୍ରଭୋ ! ଯଦି ଅନ୍ଧ ଚକ୍ଷୁହୀନ ହୁଏଁ
ତୁମର ସେବାରେ ଯେତେ ଅଧିକେ ରହେଁ ।
ପ୍ରଭୋ ! ପଙ୍ଗୁ କୁଷ୍ଠଗ୍ରସ୍ତ ଯଦି ହୁଏଁ
ତୁମରି ସେବାରେ ରହି ଯେତେ ଅଧିକେ ରହେଁ ।
ଆସୁ ତେବେ ଅନ୍ଧକାର ଗାଢ ତର ତମିସ୍ରାର
ଲୁଚିଯାଉ ତୁଚ୍ଛ ପାର୍ଥିବ ଦୃଶ୍ୟ ବ୍ୟବହାର
ଦେଉ ମୋର ଅଙ୍ଗ ପଙ୍ଗୁ, ଲଭୁ ପଛେ ଅସୀମ ତାପ
ନ ଭୁଲିବ ପ୍ରଭୁଙ୍କୁ, ଅଧିକୁଁ ଅଧିକ ଦେଲେ ମଧ୍ୟ ମୋ ପାପ ।

ଉଦଗାପଡ଼ିଆ, କଟକ
୧୮।୧୦।୧୯୨୭



୬୧

ନମସ୍କାର

ନମସ୍କାର ପ୍ରଭୁ ନମସ୍କାର ନମସ୍କାର ନମସ୍କାର ନମସ୍କାର
ଚନ୍ଦ୍ର ବିତାନ ନକ୍ଷତ୍ର ଖଚିତ ଧୀର ସ୍ଥିର ନୈଶ ଧାର ।
ଅନ୍ତରେ ରହିଛ ସର୍ବତ୍ର ବ୍ୟାପି ନକ୍ଷତ୍ର ଶଶୀ ସୂର୍ଯ୍ୟ ଭରି,
ରହିଛନ୍ତି ସର୍ବେ ରାତ୍ରିରେ ଜଗି ହୋଇ ତୁମର ସାକ୍ଷ୍ୟ ଧରି ।
ମୃତ୍ୟୁରୂପ ଅତିକ୍ରମି ଅତୀତ ଅନନ୍ତ ବର୍ତ୍ତମାନ ଭବିଷ୍ୟତ
ସକଳ ଅବୋର ରହିଛ ପ୍ରଭୁ ମୋହ ବନ୍ଧ ଜନ୍ମ ଅନ୍ତ ନାହିଁତ ।
ବିପିନ ବିଜନେ ବୁଲୁଥାଏଁ ଯେବେ ତୁମର ସତ୍ତା କରେଁ ଉପଲବ୍ଧି
ସଜନ ଗହନ ସମାଜ ଭିତରେ ଭୁଲିଯାଏଁ ବୁଝେ ବେଳା, ମଧ୍ୟେ ଅଛି
ଏ ସ୍ୱର ବାଜଇ ରାତ୍ରି ଯାଏ ସେ ସୂତ୍ରେ ତୁମର ସନ୍ଧାନ ମିଳଇ ପରା ।
ଜଗତ ପରିଚିତ ବନ୍ଦନ ହେ ପ୍ରଭୋ !
ସେହି ସ୍ୱର ସଙ୍ଗେ ମୋ ମନ ନନ୍ଦନ କାହିଁ !
ଚନ୍ଦ୍ର ବିବିଧ ବଚନ ସ୍ୱର ଶବଦ ଭିତରେ ତୁମେ ଅଛଇ ରହି
ଅତି ପରିଚିତ ଅନ୍ତ ସନ୍ନିକଟ ଅତି ଦୂରସ୍ଥ ସେ ତ କାହିଁ ନୁହଇ ।
ରହିଛି ଦୁର୍ଘଟ ବୋଇଲେ ତୁମର ଗତିରେ ବେଦ ବର୍ତ୍ତମାନ ଯିବ
ଅନନ୍ତେ, ବୁଲି ଅନନ୍ତେ, ଅନନ୍ତ ମଧ୍ୟରେ ସଦା ମୁଁ ବିହରିବ ।
ଅତୀତ ଭବିଷ୍ୟତ ବର୍ତ୍ତମାନ ଯେବେ ଅନନ୍ତ ଗର୍ଭରେ ରହି
ସ୍ରଷ୍ଟା ଅନ୍ତେ ସେ ପ୍ରଭୁ ତବ ଆଜ୍ଞା ପାଳନ କରନ୍ତି ସେହି ।

ଚାନ୍ଦଗାପଡ଼ଆ, କଟକ }
୪-୧୧-୧୯୬୨ }

Digitized by srujanika@gmail.com

ଶେଷ ମହାପ୍ରୟାଣ୍

କିଥାଉ ଦିଥାଉ କିଥାଉ ଏହି
ଗୌରବ ଚିତ୍କାର
କିଥାଉ କିଥାଉ କିଥାଉ ଏଇ
ଯନ୍ତ୍ର ପରସ୍କାର ।୧।

କିଏ ମୁଁ ? କାହିଁକି ? କୁଆଡ଼େ ?
କହ ଭଗବାନ୍ ।
କିଏ ତୁମେ ? କି ସମ୍ପର୍କ ? ପ୍ରଭୁ
କର ସନ୍ଧାନ୍ ।୨।
ଏତେ ବର୍ଷ ଧରି ରହିଲି ଭବେ
କାହିଁକି କହ ?
ଆଉ କେତେ ବର୍ଷ ରହିବି ଅବା
ବିରହ ଦହ ।୩।

କି ସୁନ୍ଦର ! କି ମଧୁର !
ସ୍ନେହ ସୁଖ ସଂସାର
ଭବେ ଆସି ଦେଖି ଜନେ ଦୋଷପୂର୍ଣ୍ଣ
ଛଳ ବିହାର ।୪।

ଦୁଃଖ, ଅନ୍ତିସାର ଚିନ୍ତା କରି
ପଞ୍ଚପ୍ରାଣ
କହୁଛି ଦୁଃଖ କରିଛି ଏ ଜୀବନ
ମହାପ୍ରୟାଣ ।୫।

Digitized by srujanika@gmail.com

ବହିବ ତେବେ ଭେଳା ଯେବେ
ଅହିବ ଧାଇଁ
ଯିବ ସେ ପାରି ମହାନନ୍ଦେ
ଆନନ୍ଦଗୀତ ଗାଇ । ୬ ।

ଦଗ୍ଧ କର ପାପ, ଦଗ୍ଧ କର
ସବୁ ମୋର ଖାଦ
କର ପୁନା, କର ମୋତେ ଶୁଦ୍ଧ
ଲଭୁ ସର୍ବେ ସ୍ୱାଦ । ୭ ।

ମୋ ଜୀବନ ହେଉ ମଣ୍ଡିପ୍ଳାନ
ସୁନ୍ଦର ପୁଷ୍ପ ସମ
ସୁଗନ୍ଧ ଗନ୍ଧଶ୍ରୀ ଆସି
ଚୁମ୍ବୁ ସର୍ବଦେହ ମମ । ୮ ।

୭।୫।୧୯୧୭,

Digitized by srujanika@gmail.com

ମୁଁ ତ ଦେଖିଛୁ ତାଙ୍କୁ !
ମୁଁ ତ ଦେଖିଛୁ ତାଙ୍କୁ !
ସେ ଯେ କର୍ମପ୍ରାଣ ବର୍ଷୀୟାନ
ଅଶୀତି ପରେ ତ ମହୀୟାନ ।
ସେ ଉପକାରୀ ଦମ୍ଭଧାରୀ
ସେ ଆଜ ଯା'ଇଛୁ ଅପସରି
ମୃତ୍ୟୁ ଅବରଣ ପର ପାରି ।
ସେ ମୋର ମିତ୍ର
ସେ ମୋର ଆଦର୍ଶ ଚିତ୍ର
ନିରଳସ ସରଳ ଦମ୍ଭଧାରୀ
ସଂସାର ଦୁଃଖ ସୁଖେ ଯୁଝୁଥିଲେ ଭାରି !
ଆଜ ସ୍ମର ତାଙ୍କୁ
ନମୁଛୁ,—ଅଶ୍ରୁ କାହାକୁ
ନାହିଁ; ଜୀବନ ପାଇଁ,
ସେ ଗୋବିନ୍ଦ ସ୍ୱାଇଁ । *

ଉଦଗାପଡ଼ିଆ, କଟକ
୨୩-୯-୧୯୬୭

* ଗୋବିନ୍ଦ ସ୍ୱାଇଁ ୨୦-୯-୧୯୬୭ରେ ପ୍ରାଣତ୍ୟାଗ କଲେ ।

Digitized by srujanika@gmail.com

୨୪

ପ୍ରତାପ ପ୍ରତାପ କହି
ଡାକୁଥିଲେ ଯେଉଁ ମାଷ୍ଟ୍ରି
ସେ ଗଲେ ଚାଲି ଝୁରି ଝୁରି
ନିଜ ବେଳ କାଳ ସାରି । ୧ ।
'ପ୍ରତାପ ବାବୁ' 'ପ୍ରତାପ ବାବୁ'
ଡାକୁଥିଲି ମୁହିଁ
ରହିଛି ଅନାଇ
ଆସିବ ଯେବେ ମୋ ବେଳ
ଯିବ ଥାଇଁ ଛିନ୍ନି କଣ୍ଠ ତତ୍‌କାଳ । ୨ ।
ଗଲ ଚାଲି ଭାଇ ଅକସ୍ମାତ
ବେଳ ହୋଇ ନ ଥିଲ ତ ।
କାହିଁକ ଲୋକେ ଉପସ୍ଥିତ ଅଥା
ପୋଷନ୍ତି ମନେ ନେବାକୁ ନିରାଶା ? । ୩ ।
ପ୍ରତାପ ବାବୁ ଆଜ ପାଞ୍ଚ ବର୍ଷ ପରେ
ଡାକନ୍ତି ତୁମକୁ ମୋ ସ୍ୱରରେ ।
ଯାଇଛ ଯେଥି ଯୋଗ ରଖିଛି ଏଥି
ଭୁଲ ନାହିଁ ଆଶୀର୍ବାଦ ଥାଉ ଯତ । ୪ ।

ଉଦଗା ପଡ଼ିଆ, କଟକ
୨୩–୯–୧୯୨୭

Digitized by srujanika@gmail.com

୨୫

ହଂସପତି ଚମ୍ପୂପତି ସଖା
ଆଉ କେବେ ଆଉ କେବେ ଦେବ ଦେଖା ?
ବ୍ୟଗ୍ରବକ୍ଷ ହୋଇ ଦିନ ଗଲା
ପୁଣ୍ୟ ସ୍ରୋତ ଜୀବନେ ନ ବହିଲା ।
ଶୁଭ୍ର ଭାବ ମନୁ ପାଶୋରି ଯାଏ
ହୀନ ନୀଚ ଭାବେ ପ୍ରମତ୍ତ ହୁଏଁ ।
ଦିନ ଯାଉଛି ବହି
ପ୍ରାଣ ହେଉଛି ଦହି
କେହି ନାହିଁ ସଖା
ଦିଅ ଏବେ ଦେଖା !

ଭଦ୍ରଗାପଡ଼ିଆ
ଉଷା
୯ । ୧୦ । ୧୯୨୭



Digitized by srujanika@gmail.com

୨୭

ଏଥର ମଲେ ଗାଈ ଯେମନ୍ତ ହୁଏ
ଏଥର ମଲେ ମଇନା-ସାରୁ ବା ହୁଏ ।
(ତେବେ) ମୋ ଜୀବନ ସୁଖରେ ଯିବ
ବିପୁଳ ହେବ ମଧୁର ହେବ ।
ପ୍ରଭୁ ଭଗବାନ ! କର ମୋତେ ସେହସ୍ତା
ଗାଇବେ ସ୍ତୁତି
ଅବା ରଟିବ
ତମ ନାମ, କରି ମୋତେ ସୁଦୟା ।
ଶାନ୍ତ ସୁଶୀଳ ନୀରବ ନିର୍ଦ୍ଦ୍ୱନ୍ଦ୍ୱ
ମୁକ୍ତ ମୁଗ୍ଧ ପ୍ରଫୁଲ୍ଲ ନିସ୍ପନ୍ଦ
ଏହାଇ ମୋର କାମନା
କର ନାହିଁ ମୋତେ ମନା ।

ଚନ୍ଦକା ପଡ଼ିଆ
୯।୧୦।୧୯୬୭

Digitized by srujanika@gmail.com

୨୮।

* ଲଳିତ ! ଲଳିତ ! ଲଳିତ ! ତୁମ୍ଭେ ମୋର ଭାଇ
ତବ ସେ ଇଲାମ୍ବୃତ ଶରୀର ସୁ-ଦର୍ଶନ ଯାଇଁ
ଲାଳସୀ ହୋଇ
ବସିଛି ଭାଇ !
ଲଳିତ ! ଲଳିତ ! ଲଳିତ ! ତୁମ୍ଭେ ମୋ ଭାଇ
ତବ ସ୍ନେହାପ୍ଳୁତ ଚକ୍ଷୁ ମୋଠାରେ ଲାଖିଛି ରହି ।
ସେ ଦିନ ଭାଇ ବରଷାର ଘୋରେ
ବଟବୃକ୍ଷ ମୂଳେ ଧାଇଁଲୁଁ କ୍ଷଣରେ
ଘଡ଼ ଘଡ଼ ଚଡ଼କ ଯେବେ ମାରୁଥିଲା
ଝର ଝର ଶ୍ରାବଣ ଧାର ଝରୁଥିଲା
ସେ ଦିନ ଭାଇ ତୁମେ ମୁଁ କ୍ଷଣର ସଙ୍ଗ
ରହିଲୁ ବଜ୍ରଭୀତ ହୋଇ ଅପୂର୍ବ ମୋହ
ମୋ ଦେବତାଙ୍କୁ ଦେଖିଲି ସେ ଦିନ ତୁମଠାରେ
ତୁମ୍ଭେ ଦେଖିଲ ପରା ତୁମ୍ଭ ଦେବତା ମୋ ଭିତରେ ।
ଈଶ୍ୱର ଏହିରୂପେ ରହିଛନ୍ତି ବିସ୍ତାରି
ପଶୁ ପକ୍ଷୀ ବୃକ୍ଷ ତାରା ବିହାୟସ ଘେରି ।
ତାଙ୍କୁ ସମ୍ମୁଖେ ରଖି ଭୁଲୁଥାଅ ସଂସାରେ
ଶତ୍ରୁକୁ ନ ହେବ ଭୟ, ମିତ୍ର ହେବେ ବନ୍ଧୁ ଶରଧାରେ ।

୧୦।୧୦।୧୯୬୭

---

* ଲଳିତ ବଣେଇଗଡ଼ର ଗୋଷ୍ଠୀ ସାନ ପିଲା ।

Digitized by srujanika@gmail.com

୨୮

ପିତା ପିତା ପିତା ପିତା ମମ
ମହା ଉଦାର ଉଦାସୀ ସମ । ୧ ।

ସ୍ନେହହୃଦର ତାଙ୍କର ଅଛି ଗଭୀରେ
ନିଦର୍ଶନ ଅଛି ତାର କରମରେ
ଅନୁଭୂତି ଅଛି ତାର ମରମରେ । ୨ ।

କଥାରେ ସେ କଥା ନୁହଇ କେବେ କହି
କଥାରେ ସେ ଏହା ଅବା ଜଣାନ୍ତି ନାହିଁ । ୩ ।

ସେହି ମୋର ପିତା,-ଚନ୍ଦ୍ର
ଯାଙ୍କ ଠାରେ ମୁଁ
ମହା ଅପରାଧୀ,-ହୁଁ ;
(ମାତ୍ର) ସେ ସଦା ରଖନ୍ତି ପ୍ରୀତି । ୪ ।

ମୈତ୍ରୀ ନୈତ୍ରୀ ଏହି ଭାବ ପୋଷି
ଜଗତେ କାଳ କଟାଇଲେ ଆସି । ୫ ।

ଉଡ଼ ଯିବେ ଯେବେ
ବୁଝିବ ମୁଁ ତେବେ
କି ଅମୂଲ୍ୟ ନିଧି ହରାଇ ବସିଲି
କି ଭାଗ୍ୟହୀନ ମୁଁ ତାଙ୍କ ବନ୍ଦ ହେଲି । ୬ ।

ନିଧି ହାତେ ଥିବା ଯାଏ ନ ଥାଏ ଆଦର
ହଜିଲେ କାନ୍ଦଣା, ହୁଡ଼ିଲେ ବଣା
ଏହିତ ଜଗତର ଅଦ୍ଭୁତ ବିଚାର । ୭ ।

ମୁଁ କ୍ଷୁଦ୍ର ବୁଦ୍ଧିର କର ଅହଂକାର
କରୁଛି ପିତାଙ୍କୁ ଅବହେଳେ ବିଚାର । ୮ ।

Digitized by srujanika@gmail.com

ଏହାର ପ୍ରତିଫଳ ଅବଶ୍ୟ, ଅବଶ୍ୟ ଭୋଗିବ, ଯେତେଦିନ ବଞ୍ଚିବ
କିଆଁ ପ୍ରତିକ୍ରିୟା ଜଗତ ନିୟମ-ମୁଁ କେମନେ ସେଥିରୁ ଉଦ୍ଧରିବ ? ।୯।

ନମସ୍କାର ନମସ୍କାର ନମସ୍କାର ପିତା
ଲଜ୍ଜାରେ ନିଜ ମନେ କରୁଛି ଏ ତା
ଜଗତ ପାଇଁ ନୁହେଁ
ମୋ ପାଇଁ ଅଟେ
ମୁଁ ନମୁଛି ନୀରବେ ଅନ୍ତରେ ତବ ପଦ୍ମରେ
ବାକ୍ୟହୀନ ଭାବହୀନ ମୁଗ୍ଧ ଚକିତ ଲଜ୍ଜାରେ । ୧୦ ।

ଉଦଗା ପଡ଼ିଆ
କଟକ
୧୦।୧୦।୧୯୬୭
ପୂର୍ଣ୍ଣିମା-ଲକ୍ଷ୍ମୀପୂଜା
ବାସର ।

Digitized by srujanika@gmail.com

୨ ୯

ଅନ୍ୟାୟର ବ୍ୟାଘ୍ରୀ
ଧର୍ମର ଧାତ୍ରୀ, ମା ମୋର କର୍ମର ସିଂହୀ ।
ସେ ଜେତ୍ରୀ ପର ଶତ୍ରୁଲେ
ଛନ୍ଦେ ଅବା ରଣେ କେବେହେଁ, କେବେହେଁ ନ ଥଙ୍କି ।୧।

ସେହୁ ମୋର ମା
ଜୀବନର ଯୌବନର ବଷମେ କଲନ୍ତି ଉଦ୍ଧାର !
ସେହୁ ମୋର ମା
ଶତ୍ରୁଗଲେ ଦେଇଯିବ ମୋତେ ତା ବଳ ଅପାର । ୨ ।

ତା ଠାରେ ମୁଁ ଅଶେଷେ ଋଣୀ, ତା ପାଇଁ ମୁଁ ଗୁଣୀ
ତା ଗୁଣ ଦୃଢ଼, ସଦା ହୁଏ ବଳୀ ତା କଥା ଶୁଣି । ୩ ।

ମୋ ଜୀବନ ଯାଉ, ମା ମୋର ଥାଉ
ସେ ଜଗତ କରିବ ଉଦ୍ଧାର ।
ମହିଷମର୍ଦ୍ଦିନୀ ମା ମୋର; ତା ତୁଳନାରେ
ମୁଁ ଯେ ଅତି ଅକିଞ୍ଚିତ୍କର । ୪ ।

ନନ୍ଦଗାଡ଼ିଆ, କଟକ
୧୦।୧୦.୧୯୨୭

୩୦

ବିଲ୍ୱମଙ୍ଗଳ ! ବିଲ୍ୱମଙ୍ଗଳ !
ପ୍ରଭାତେ ଆଜି ସ୍ମରିଲି ତୁମ୍ଭଙ୍କୁ
ସହସ୍ର ବର୍ଷର ବ୍ୟବଧାନ ଦେଇ
ପାଇଥିଲି ମହାପୁଣ୍ୟେ ଯେ ପତ୍ନୀଙ୍କୁ ।୧।

ବିଲ୍ୱମଙ୍ଗଳ ! ଭାବ ନିଜ ଦଶା
ମଣୁଛି ଭାଗ୍ୟବାନ ନିଜକୁ ।
ସହସ୍ର ବର୍ଷ ପରେ ପାଇଲି ଅବା—
ମହାପୁଣ୍ୟେ ସେହି ଅମର ରତ୍ନକୁ ।୨।

ତୁମ୍ଭେ ଅବା ସେହି ବିଲ୍ୱମଙ୍ଗଳ—
ଯୁଗର ହୃଦଜ୍ଞ ମ୍ଳାନ କରନ୍ତି ତୁମ୍ଭଙ୍କୁ ।
ଆଜି ପ୍ରଭାତେ ସେହି "ଚିନ୍ତା" ଜାଗିଛି
ଧନ୍ୟ ତୁମ୍ଭେ ପୂଜ୍ୟ ହୋଇଛ ବେଳକୁ ।୩।

ଛଦବାପଡ଼ିଆ
କଟକ
୮।୧୧।୧୯୬୭

—— * ——

Digitized by srujanika@gmail.com

୭୧

ମୂଳ ବୈତରଣୀ କୂଳେ ବସି
ସେ ତ ନୁହେଁ ତପସ୍ୱୀ, ନୁହେଁ ଉଦାସୀ ।
ସେ ଯେ ଶାନ୍ତ, ବୃଦ୍ଧ, ଧର୍ମଭୀରୁ ଋଷୀ
ପ୍ରତ୍ୟୁଷେ ସ୍ନାନ ନିତ, ସୂର୍ଯ୍ୟ ଅନ୍ୱେଷୀ ।
ଯାହାର ଇଙ୍ଗିତେ ସେ କରେ ଦଣ୍ଡବତ
ସେହି ମହାଜନେ ହୁଏ ମୁଁ ପ୍ରଣତ ।
ସ୍ୱଚ୍ଛ ନିର୍ଝରିଣୀ ଏହି ସ୍ରୋତସ୍ୱିନୀ
ଆନନ୍ଦ ଦାୟିନୀ ଚମ୍ପୁଆ ବାହିନୀ ।
ଏହାର କୂଳେ ଗୋ କେବେ କେଉଁ କାଳେ
ପ୍ରଥମ ଅଲେଖ ନିରଞ୍ଜନ ଭେଳେ
ଧାୟିଲା—ଜୀବନେ କରଣ ସକଳେ
ଆପଣା—କେହିଁ ନୁହେଁ ବିଫଳେ ।
ଏହି ତାର ସେହି ମହାଜନ ବାଣୀ
ବୁଝିଛି ଯେ ତାକୁ ଧନ୍ୟ ମଣି ।
ନିଦ୍ରାରୁ ଉଠିଣ ଏହି ଭାବ ହୁଏ
ସଂସାରର କଳରବେ ଭୁଲି ଯାଏଁ ।
ଧନ୍ୟ ଅଲେଖ ଗୋ ନିରଞ୍ଜନ, ତବ
ପଦ ଧ୍ୟାୟି ଯେତେ ଉଦ୍ଧବ ଏ ଭବ ।

ଚମ୍ପୁଆ (କେନ୍ଦୁଝର)
୨୮।୧୦।୧୯୨୭

Digitized by srujanika@gmail.com

୩୨

ମା', ମା', ବାବା, ବାବା
ଭୁଲିଯିବ ଝଡ ମୋତେ ଯେବେ
ଏ ସଂସାରେ ମୁଁ ପଡ଼ି ରହିବି ତେବେ—
ଯେବେ ମୁଁ ଯିବ ଭୁଲି
ଶାନ୍ତ ରହିବ ଖାଲି ।
ବୋହୂ ଗଲେ ଭୁଲି
ମୁଁ ରହିବି ଖାଲି ।
ଏହି ଚିନ୍ତା ଘାରଇ ଯେବେ
ଈଶ୍ୱର ସହାୟ ଭୁଲଇ ତେବେ ।
ସେହି ପିତା, ସେଥୁଁ ଜନମ
ମା, ବାବା, ବୋହୂ, ଶାନ୍ତ ମମ ।
ନମେ ତାଙ୍କର ପଦ୍ମରେ
ସେହି ରଖିବେ କଣ୍ଠିନ୍ତେ ମୋରେ ।

ବୋଲପୁର
ନଭେମ୍ବର୍, ୧୯୨୭

Digitized by srujanika@gmail.com

ବାଣୀ

ଯେଉଁ ପଥେ ଚାଲନ୍ତୁ ନାଥ !
ତୁମେ ଜାଣ ସେ କଥା
ଅନ୍ଧ ଭାବେ ମୁଁ ମାନନ୍ତି—
ଅନ୍ଧ ଭାବେ ମୁଁ ଚାଲନ୍ତି—
ସେହି ମୋର ସୁଖ ।
ଯଦି ଦିଅ ଦୁଃଖ
ତାଉ ଭଲ ସହିବ ସବୁ—
ଯଦି ସୁଖ ସମ୍ମାନ ଦବୁଁ
ଆଦରିବ—ଭୁଲିବ ତୁମକୁ—
ସେ ଧନ ମୋର ଲୋଡା ନାହିଁ ମାତ୍ରକୁ ।
ଜୀବନ ଯାଉ ଅବା ରହୁ
ମତି ରହୁ ତବ୍‌ ପାଶେ ମତି ରହୁ ।
ଶାନ୍ତ, ମା ମୋର,—ନ କର ଭୟ
ସେହି ଅଭୟ ପଦ ସଦା ଆଶ୍ରୟ ।

ବୋଲପୁର
ନଭେମ୍ବର ୬, ୧୯୨୭

—:o:—

Digitized by srujanika@gmail.com

୩୪

ବଂଶୀଧର, ଭୁଲି ଗଲ ପଶ୍ର—
ବଂଶୀଧର, ଭୁଲି ଗଲ ପଶ୍ର—
ନା, ନା, ଯୋଗ ରହିଛି ଅଛି ସ୍ପୃହା ।
ସେହି ଦିନ ଦେଖା ମରମ ସୁଧା ।
ଜୀବନେ ଭୁଲି ନାହିଁ ଭାଇ
ନବୀନ ତୁମେ ପ୍ରାଚୀନ ମୁହିଁ ।
ବୃଦ୍ଧ, ଅତୁର, ଦୁର୍ବଳ ଲୋଡ଼େ ଅଶ୍ରୟ
ନବୀନ ତୁମେ, ବିଜୟୀ, ସ୍ନେହ ଦେଇ କର ଅଭୟ ।
ବଂଶୀଧର ଭାଇ ! ଜୀବନ ମଧୁର
ହେବ—ଯେବେ ଭଞ୍ଜିବ ଚିତ୍ତ ପଥର ।
ମନେ ରଖ ମୋର ଏହି ଶେଷ କଥା
ଏ ଦିନର ସ୍ନେହ ମର୍ମେ ରହୁଁ ଗୁନ୍ଥା ।

ବୋଲପୁର
ନଭେମ୍ବର ୭, ୧୯୨୭

୩୬

ଏ ବର୍ଷ ଯାଉଛି ବାହି
ନବେମ୍ବର ଯିବ ଡସେମ୍ବର ଯିବ
ନୂତନ ବର୍ଷ ଅସିବ ଧାଇଁ । ୧ ।

ଭାଇରେ ! ଜୀବନର ଧାରା
ବହି ଅସିବ ମୂଳାଧାର ଠାରୁ,
ମିଶିବ ବହୁ ଜଳ ପଙ୍କ ଅନ୍ଧ
ବାଟେ ଅସି—ରଖ ଜୀବନ କରି ଅବ୍ୟାଧି । ୨ ।

ପ୍ରଥମ ଉଦୟ ଦିନୁଁ
ମରଣ ପର୍ଯ୍ୟନ୍ତ
କରମ ପୂଜା କରି ହୁଅ ଭାଗ୍ୟବନ୍ତ । ୩ ।

ଭୁଲ କରି ଯଦି ପାପେ ପାପୀ ହୋଇଥାଅ
ବିଭୁ କୃପା ବାରି ଦେଇ ସବୁ ଧୋଇଦିଅ । ୪ ।

ନକର ଅଭିମାନ ନ କର ଗୁମାନ
କ୍ଷୁଦ୍ର ନର; ମହତେ ହୁଅ ମହୀୟାନ । ୫ ।

ବୋଲପୁର
ନଭେମ୍ବର ୭
୧୯ ୨୭ ।

———*———

Digitized by srujanika@gmail.com

୩୬

ହଜି ନାହିଁ ଯାର
ନା, ବୁଝି ନାହିଁ ସେ କଷ୍ଟ ।
ହଜିଲେ ଚେତା
ଭଜିଲେ ଚେତା;—ସତ୍ୟ ରହସ୍ୟ । ୧ ।

ପାପେ ରତି, ଧର୍ମେ ବିରତି
ଏହି ମତି ରଖି ଯିବ ଗତି
ତେବେ କଷ୍ଟେ ହଜିବ
ପରେ କଷ୍ଟେ ବୁଝିବ । ୨ ।

ହଜି ନାହିଁ ଯାର, ସେ ନୁଏତ ଭାଗ୍ୟବାର
ମାତ୍ର ହଜିବା ବୁଝିବା ଲାଗିଛି ଏ ସଂସାର । ୩ ।

ନ ହଜାଓ
ନ ବୁଝାଓ
ହଜ—ବୁଝ
ବୁଝରେ ଅବୁଝ । ୪ ।

ଇଦ୍ଦଗା ପଡିଆ
୧୮।୧୧।୧୯୬୭

Digitized by srujanika@gmail.com

୫୭

ନିର୍ଭୟ ହୁଅ, ଭୀରୁ ନ ହୁଅ ରେ
ପାପ ଯେ କରୁଛି ସେହି ଏକା ଡରେ ।
କର୍ତ୍ତବ୍ୟ ସମ୍ମୁଖେ ରଖି, କର୍ତ୍ତବ୍ୟେ ଲୁଟ
କି ଭୟ କି ଭୟ ତୋର—କାହିଁକି ଥରୁଅଛ ?
କରିଥିଲେ ଭୁଲ କରିଛ, ଏଣିକି
କର ପ୍ରତିଜ୍ଞା ସ୍ଥିର, ପ୍ରଭାତେ ସନ୍ଧ୍ୟାରେ ଠିକ
ଧୀର ସ୍ଥିର ତାରକା ଜ୍ୟୋତିଷ୍କ ସମ ବିଚର ।
କାହାକୁ ଭୟ ? ଜଗତେ ଭୟ କାହାକୁ ନ କର ।
ଏକମାତ୍ର ବିଶ୍ୱପତି ସହିତ ବାସ କରି
ପ୍ରକୃତି ସହିତ ଆପଣାକୁ ହରାଇଛି ବା ମିଶାଇଛି ଯେ,
ସେହି ଏକା ନିର୍ଭୟ ଜଗତ ମଝିରେ;
ଆସୁ ବ୍ୟାଘ୍ର, ଆସୁ ସିଂହ, ତା ପାଇଁ ଭୀଷଣ ନୁହେଁ କିଛି ଯେ

୧୩ ତାରିଖ ଡିସେମ୍ବର
ମଙ୍ଗଳବାର
୧୯୨୭ ।

୩୮

ଦିବସର ଯାମେ ବସି ଭାଳନ୍ତି ଏକାକୀ
ଦିଗନ୍ତର ସାଥେ ମିଶି ରହିବ ସଙ୍କେତ ?
ମିଟିଯିବ—ଏହି କଥା କରନ୍ତି ଦିବାନ୍ତ
ଜଗତର କାର୍ଯ୍ୟଶାଳା ହେବ ମୁଁ ଉପାନ୍ତ ।
ନବୀପତ୍ର ପାଶେ ତାର ଯେହ୍ନେ ଗୋ ଝୁଲଇ
ସେହିପରି ପତ୍ର ପାଶେ ମୁହିଁ ଗୋ ଲସଇ ।
ଜୀର୍ଣ୍ଣପତ୍ର ମୋର, ମୁଁ ଯେ ତାଙ୍କର ସନ୍ତାନ
ଅଛି ନବ ବର୍ଷେ ଏହି ଭରସା ବିଧାନ ।
ଅତୀତର କାଳି ଜଳ ଯାଉ ଗୋ, ଆସ ଲୋ
ବର୍ତ୍ତମାନ ଠାରୁ ପୂତ ଜୀବନ କରଲେ ।

ବୋମ୍ବାଇ
ଭାରତ ସେବକ ସମିତି
ଜାନୁଆରୀ ୧, ୧୯୨୮ }

§

୩୯

ସମ୍ପତ୍ତି ? —ବିପତ୍ତି
ମାୟା ? —ଦୁଃଖ, ଆର୍ତ୍ତି
ମୋହ ? —ଭ୍ରଂଶ, ନାଶ ।
ଶୌର୍ଯ୍ୟ ? —ମହତ୍ତ୍ୱ ବିକାଶ ।

ଫେବୃୟାରୀ ୧, ୧୯୨୮ ।

Digitized by srujanika@gmail.com

୪୦

ପ୍ରଭାତ ! ଶାନ୍ତ
ମରଣ ପରେ ଜାଗ୍ରତ ।
ଏ ଜୀବନ କାନ୍ତ
କିମ୍ବା ଅଛ ଧ୍ୱାନ୍ତ ?
ଦିଗନ୍ତ କାକଳି ଦୂର୍ଣ୍ଣ
ମୋ ହୃଦୟ ଶୂନ୍ୟ !
କାହାର ଅଭାବେ
ମୁହିଁ ଏ ଭବେ
ଦୁଃଖର ଆଗେ
ବିରହେ ଜାଗେ,
ବୁଲେ ମୁହିଁ ଭ୍ରାନ୍ତ
କାହିଁ କାହିଁ ମୋର କାନ୍ତ ?
ଯାର୍ ଏ ଜଗତ
ଯାର୍ ଏ ପ୍ରାଣିଜାତ
ଜଗତର ପିତା, ଜଗତର ନାଥ
କାହାନ୍ତି ? ତାଙ୍କୁ ନପାଇ ମୁଁ ବ୍ୟଥିତ ।

ମାର୍ଚ୍ଚ ୭, ୧୯୨୮
ବୁଧବାର
ଆନନ୍ଦପୁର (କେନ୍ଦୁଝର)

Digitized by srujanika@gmail.com

୪୧

ନବବର୍ଷରେ ନୂତନ ପୁଣ ଆଜ ଆସ
ନବବର୍ଷର ପ୍ରଥମ ଦିନ ହସ ହସ । ୧ ।

ନବବର୍ଷ ହେ କେତେବେଗେ ଆସି ଗଲ ଚାଲି
ଦେଖାଇଲ କି ଜୀବନ ଯାଏ ବହି ଖାଲି ? । ୨ ।

କହି ପାରନ୍ତି ନାହିଁ ଗୋ କବି, ଭାବିଲେ ମାତ୍ର
ତବ କରୁଣା ହେଲେ ତ ମୁହିଁ ହେବି ପାତ୍ର । ୩ ।

ସୁଖ-ଯାମିନୀ ଯାଉଛି ଭାସି ଏବେ ମୁହିଁ
କାହାର ଅଙ୍କେ ବସିଛି ଦୂର ହେବ ହୋଇ ? । ୪ ।

ଆସିବେ ନାଥ ଦେବେ କି ଦେଖା ହେବି ଧନ୍ୟ !
କିଏ କହିବ କଅଣ ହେବ ମୁହିଁ ପଣ୍ୟ । ୫ ।

ଆସ ବେପାରି ନେଇଣ ଯାଅ ଶୀଘ୍ର ମୋତେ
ସଜିବ କିପାଁ ବଜାରେ ପଡ଼ି କହିଁ ସତେ । ୬ ।

ବୋମ୍ବାଇ
୩-୧-୧୯୬୮

Digitized by srujanika@gmail.com

୪୨

ଦିନମଣି ଆସିଛି ପୁଣି କି ବାଦଲା ଭେଦି
ଦିନମଣି ମୋହର ଇଚ୍ଛା କି ଭୋଦର ଜାଣି
ଦିବସର ନାଟକ କରିବ ଆରମ୍ଭ ହେ । ୧ ।

ପ୍ରତିଦିନ ଆସୁ ତୁ ଯାଉ ଯେ ବାହାରି ଶୀଘ୍ର
(ମୁଁ) ପ୍ରତିଦିନ ଅଜୀର୍ଣ୍ଣ ରୋଗୀ ଯେମନେ ନିଜର
ଜୀବନକୁ ନିଅଇ ଟାଣି ଓଟାରି ଦୁଃଖରେ । ୨ ।

ଦିନକୁ ଦିନକୁ ବଳ ତ ଯାଉଛି ହଟି
ଯାଉଛି କୁଆଡ଼େ କୁହନ୍ତେ ନ ମାର ଘଟି
ଚିଖି ଦେ ସାଥିରେ ପକ୍ଷୀ କହଇ ଉଠି । ୨ ।

୪ । ୧ । ୧୯୨୮

Digitized by srujanika@gmail.com

୪୩

ପତ୍ରର ମର୍ମର ଧ୍ୱନି କେଉଁ ଚଞ୍ଚଳ ଏ ଜୀବନ
ବହାଇ ସ୍ୱର୍ଗର ଅଭମୃତ୍ଖ ବାସ୍ତବ ଏଁ ଅଙ୍ଗଣ । ୧ ।
ଅସତ୍ୟ ନୁହଇ ଏହି ଜଗ, ନୁହଇ ବା ସ୍ୱରଗ
ଏହାର ପରି ଗୋ ସ୍ୱର୍ଗ ସତ୍ୟ, ଏହାକୁ ସେ ପାରେ ଖ । ୨ ।
ସ୍ୱରଗ ଭୁବନ ମଧ୍ୟେ ବାଧା ନାହିଁ ଗୋ ଓତପ୍ରୋତ
ଚାହିଁଛି ମରତ, ନାକ ଭୂମି, ଦେଖୁଁବ ଦେବ ସତତ । ୩ ।
ଅନ୍ତରେ ମଙ୍ଗଳ ପୂର୍ବ ରହି ପାଣ୍ଡବ ଙ୍କ ଶତୃକ
ସ୍ୱରଗ ଭୂମିରେ ବରରବ ଅନୁକ୍ଷଣ ଶତ୍ଭୁବ । ୪ ।
ମର୍ତ୍ତ୍ୟରେ ଅଛନ୍ତି ସ୍ୱର୍ଗଧନ୍ୟ ଅପାପେ ବେଁ ସୁପାଶ୍
ପାପରୁ ଦିଶଇ ମଧୁ ଷ୍ଟରେ, ପାପେ ଜଣ୍ଡନ୍ୟ ଧାର୍ । ୫ ।

ଜଲେଶ୍ୱର
୫-୧-୧୯୨୮

୪୪

ଯେତେବେଳେ କର୍ମର ହୁଏ ଅଭାବ
ଅର୍ଥାତ୍ ଅର୍ଥର ହୁଏ ଦରକାର
ସେତେବେଳେ କେଉଁ ଯେ କାର୍ଯ୍ୟ କରନ୍ତୁ
ଉତ୍ସାହ ନଥାଏ ମନର ଦସ୍ତୁର ।

ପାଟଣା
ମେ ୨୭, ୧୯୨୮,

Digitized by srujanika@gmail.com

୪୫

ଉଦ୍ଦୀପନା ରଣଝଣା
ଉଦ୍ଦୀପନା ରଣଝଣା ।
ମଣିବ ସିନ୍ଧୁ ଅମରେ ଅଚଳେ
କାହାକୁ ମୁଁ ଭୟ କେ କରିଲେ ?
ଅସି ମୋର ସଦା ପ୍ରସ୍ତୁତ
ଖୋପି ଦେବ ଜୀବନ ଦୃପ୍ତ
ଭେଳବତ ପାଇଁ ଦେଶର ପାଇଁ
ମରଣେ ଥାଇଁ ଜୀବନେ ଥାଇଁ ।
କାହିଁ କାହିଁ ମୋର ଦୃଢ଼ମାତା ?
କାହିଁ କାହିଁ ସେହୁ ଦେବବ୍ରତା ?
ଆସ ହେ ବୀରୁ ରଖ ମାତୃ ସମ୍ମାନ ।
ଧର ହେ ଅସି ଶୂଳ ଜେତୃ ସମାନ ।
ଦୀପ୍ତ ଅଗ୍ନି ସମ ସୂର୍ଯ୍ୟ ରଶ୍ମି
ଛାଲେ ଉପରେ ଯେ, ଉଠୁ ବହ୍ନି
ଦେଶର ଜୟ କରିବ ମୁହିଁ
ମହିବ ବାନ୍ଧବ ବା ସେ ପାଇଁ ।
ଉଦ୍ଦୀପନା ରଣଝଣା
ଉଦ୍ଦୀପନା ରଣଝଣା ।

ବାରବାଟି ବାଲେଶ୍ୱର

୧୭,୮,୧୯୬୭

Digitized by srujanika@gmail.com

୪୭

ସମସ୍ତ ରାତ୍ରି ଯାଇଅଛି ହେ ଯାତ୍ରି !
   ସୁଖ ନିଦ୍ରାରେ ଅତୀତ
ହୋଇଅଛି ପ୍ରାତ ସୁନ୍ଦର ସୁଶିସ୍ମୀ
   ସୁଖ ପବନ ବିଶ୍ୱତ । ୧ ।

ବୈଶାଖ ରୁଦ୍ର ଦିବସ ଉଇଁବ
   ଶାନ୍ତ ଶୀତଳ ଲଭିବ
ଅଗ୍ନି ବର୍ଷିବ ବର୍ଷା ବା ଝରିବ
   କ୍ଷୁଦ୍ର ମେଘ ବା ବର୍ଷିବ । ୨ ।

ବୃକ୍ଷକୁଳର ଶୋଭା ଦେଖ ଆସି
   ପକ୍ଷିକୁଳର ଗାୟନ
ଗଗନ ମେଘ ସଚଳ ଚଳସି
   ପ୍ରକୃତି ମନୋମୋହନ । ୩ ।

ବାରବାଟି, ବଲେଶ୍ୱର
ମେ ୧୭, ୧୯୨୮



Digitized by srujanika@gmail.com

୪୭

ଦିବସ ପରେ ଦିବସ ଯାଏ,
ମନର ଗତି ଅଳସେ ଧାଏଁ ।
ଜାଣିବା ପୁଣି ଶିଖିବା ପଣ
ଜ୍ଞାନର ଗଣ୍ଡ କାହିଁ ବା ଦିଶ ?
ଉନ୍ନତି ବାଟେ ଉଠିବି ଯେବେ,
ନିଭୃତ ସୁଖ ସଞ୍ଚାର ତେବେ ।
ଝାହିଁବା ସୁଖ କାହିଁବା ସ୍ଫୂର୍ତ୍ତି,
ଜୀବନ ସ୍ୱପ୍ନ ମରଣ କଣ ।
କିପରି ଆଉ ବଞ୍ଚିବି କହ,
ମରଣ ପରି ଜୀବନ ଦହ ।
ଗୃହେଁ ନା ଶୁଷ୍କ ପ୍ରଶାନ୍ତ ଗେହ,
କାହିଁ ମୋ ମାୟା କାହିଁ ମୋ ମୋହ ।
ନୀରବ ଶାନ୍ତ ଜୀବନ ମୋର
ଦେଖାଇଛି ମୋତେ ଦୁଃଖର ଜୋର ।

ଚାନ୍ଦବାଲି, ବାଲେଶ୍ୱର
୧୯ । ୪ । ୧୯୬୮

Digitized by srujanika@gmail.com

୪୮

ଯୌବନ ଡ଼ାକନ୍ତୁ ମୋତେ ଉଚ୍ଛ୍ୱାସି ଉଚ୍ଛ୍ୱାସି !
ମାତୃ-ସ୍ନେହେ ମୋର ଅଙ୍ଗ ଭରିଛୁ ଭରିଛୁ !
ଶିଶୁ ବାଳୀ ମୁହିଁ ଆଜ ଭରପୁର,
ମୋର ଅଙ୍ଗ ଗନ୍ଧ ଦବ୍ୟ ମନୋହର ।
ସତୀ ଅଙ୍ଗ ମୋର୍ ମାତୃ ଅଙ୍ଗ ମୋର,
ପତି ପ୍ରାଣେ ମୋର, ଧ୍ୟାନେ ଚିତ୍ତ ମୋର ।
ଆସୁ ଗ୍ରୀଷ୍ମ, ଆସୁ ବର୍ଷା, ଆସୁ ଶୀତ
ସେହୁ ପୁଣ୍ୟ ପାଇଁ କରେ ମୁହିଁ ବ୍ରତ ।
ଭସିଯିବି ନାହିଁ ନରକୁ ନରକେ
ଭଳଦେବ ମୁହିଁ ସ୍ୱରଗେ ସ୍ୱରଗେ ।
ଯୌବନ ଡ଼ାକନ୍ତୁ ମୋତେ ଉଚ୍ଛ୍ୱାସି ଉଚ୍ଛ୍ୱାସେ !
ପିତା ପତି ପୁତ୍ର ମୋର ରକ୍ଷିବେ ଗୋ ଅସି ।
ପୁଣ୍ୟମୟୀ ସତୀ ସ୍ନେହମୟୀ ମାତା,
ଜୀବନେ ମୋହର ରହୁ ପବିତ୍ରତା ।

ମେଦିନୀପୁର
୨୩-୫-୧୯୨୮,

———※———

Digitized by srujanika@gmail.com

୪୯

ନାହିଁ ମୋର ଛଳ, ନାହିଁ ମୋର ଅଭିମାନ,
ତୃଣ ସଙ୍ଗେ ଦେବ ମୁହିଁ ଅଗୋ ! ସୁସମାନ ।
କିବା ନାମ ଖ୍ୟାତି ମୋର ଲୋଭ ନାହିଁ ରହୁ
କାମ କରି ଯିବ, ମନ ବୁଝାଇବ ବନ୍ଧୁ ।
ଶାନ୍ତ ଚିତ୍ତ ଶୁଦ୍ଧ ମନ ରତ ସଦା କାର୍ଯ୍ୟେ
କରିଯିବ ଭୟ ନାହିଁ, ଥିବ ଶୌର୍ଯ୍ୟେ ବୀର୍ଯ୍ୟେ ।
କାହାର କଥନ ନ କରୁ ବଚନ
ମୋହରି କାର୍ଯ୍ୟରେ ଯୁକ୍ତ ରହୁ ମନ ।
ଦେଖିବାକୁ ବେଳ ନାହିଁ ମୋର ଅନ୍ଧେ !
ଅପରର ଦୋଷ, ମୋର ମୋତେ ଦନ୍ଧେ ।
କର ପ୍ରଭୁ ପ୍ରାତଃ ମୋର ପୁଣ୍ୟମୟ
ଦିବସ ଯାମିନୀ ହେଉ ଶାନ୍ତିମୟ ।
ଅଭିମାନ ଛାଡ଼ି ଅପମାନ ସହି
ରହିବ ପଛରେ ଅପରେ ନକହି !
ମୋହର ଜୀବନ ଲୀଳାଖେଳା ଭିଡ
ମୋତେ କରୁ ମୁକ୍ତ ମୁଁ ନ ପଡ଼େ ହିଡ଼ ।

ପାଟନା
୨୭।୫।୧୯୨୮

Digitized by srujanika@gmail.com

୫୦

ଅଷାଢ଼ର ଉଜ୍ଜ୍ୱଳ ପ୍ରାତେ
  କାଇଁ ଚ ଦଶୁଛି କେଡ଼େ ନିର୍ମଳ ସତେଜ
ଶାନ୍ତ ସ୍ତବ୍ଧ ମହୀରୁହଗଣ
  ଅନାଇଛନ୍ତି ଧ୍ୟାନସ୍ତିମିତ ନେତ୍ରେ ହେଜ ।
  ଯାହାର ଅତ୍ମା ଅଣୁ ଅଦ୍ରି ପୂରି
  ରହିଛି ବ୍ୟୋମ ବ୍ୟୋମ ଘେରି
  ସେହି ମହାନ ମହାଦେବ ଧ୍ୟାୟି
  ମୋ ଜୀବନ ନିରତ ରହୁ ସୁକର୍ମେ ଯାଇ ।

ଉଦଗାପଡ଼ିଆ, କଟକ }
୬-୭-୧୯୬୮ }

Digitized by srujanika@gmail.com

୫୧

କେବେ କେବେ ଅଢିଲ ସିନା
କାନ୍ଦୁ ଚମକ ଶୃଙ୍ଖଳଗଲ
ବଢିଲ ନାହିଁ !

ଏତ କି ମହାକରୁଣା ତୁମ୍ଭର
ଏହି ଅଧମେ ହେ ହରିହର ?
ବସ ଏଥର ଆସି

କଷ୍ଟହେଲେ ସମସ୍ତ ପାଇଁ
ଭୁଲି ମୋର ଦୋଷାଦୋଷ, ଭୁଲାଅ
ଏଭକ ଅଳ ଶ୍ରୀଚରଣେହିଁ ।

ଛଦଗାପଡ଼ିଆ, କଟକ
୭-୭-୧୯୬୮



Digitized by srujanika@gmail.com